# Universal Declaration of Human Rights - Oriya ()

---

# ମାନବିକ ଅଧିକାର ସମ୍ପର୍କରେ ବିଶ୍ୱଜନୀନ ଘୋଷଣା

## ପ୍ରସ୍ତାବନା

**ଯେହେତୁ** ମାନବପରିବାରର ସମସ୍ତ ବ୍ୟକ୍ତିଙ୍କର ଅନ୍ତର୍ନିହିତ ମର୍ଯ୍ୟାଦା ଓ ସମ୍ମାନ ଏବଂ ଅଲଙ୍ଘ୍ୟ ଅଧିକାରକୁ ସ୍ୱୀକାର କରିବା ଅର୍ଥ ପୃଥିବୀରେ ମୁକ୍ତି, ନ୍ୟାୟ ଓ ଶାନ୍ତିର ମୂଳଦୁଆ ପକାଇବା;

**ଯେହେତୁ** ମାନବିକ ଅଧିକାର ପ୍ରତି ଉପେକ୍ଷା ଓ ଅବଜ୍ଞା ପ୍ରଦର୍ଶନ କରାଯିବା ଯୋଗୁଁ ବର୍ବର କାର୍ଯ୍ୟ ସଂଘଟିତ ହୋଇ ସେଗୁଡ଼ିକ ମନୁଷ୍ୟଜାତିର ବିବେକକୁ କଳଙ୍କିତ କରିଅଛି ଏବଂ ଯେଉଁ ପୃଥିବୀରେ ମନୁଷ୍ୟମାନେ ମତପ୍ରକାଶର ସ୍ୱାଧୀନତା, ଧର୍ମପାଳନର ସ୍ୱାଧୀନତା ପାଇବେ, ଭୟ ଓ ଅଭାବରୁ ମୁକ୍ତ ପାଇବେ, ସେହିପରି ପୃଥିବୀ ଗଢ଼ିବା ସାଧାରଣ ଲୋକଙ୍କର ଉଚ୍ଚତମ ଆକାଂକ୍ଷା ବୋଲି ଘୋଷିତ ହୋଇଅଛି;

**ଯେହେତୁ** ଏହା ପ୍ରୟୋଜନୀୟ ଯେ (ଯଦି ମନୁଷ୍ୟ ଶେଷ ଅବଲମ୍ବନ ସ୍ୱରୂପ ଅତ୍ୟାଚାର ଓ ଅନ୍ୟାୟର ବିରୁଦ୍ଧରେ ବିଦ୍ରୋହ କରିବାକୁ ବାଧ୍ୟ ନ ହୁଏ) ମାନବିକ ଅଧିକାର ଆଇନର ଶାସନରେ ରକ୍ଷା ହେବା ଉଚିତ;

**ଯେହେତୁ** ସକଳ ଜାତିମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବାର ବ୍ୟବସ୍ଥା ହେବା ଦରକାର;

**ଯେହେତୁ** ମିଳିତ ଜାତି ଅନୁଷ୍ଠାନ ଅନ୍ତର୍ଭୁକ୍ତ ଦେଶମାନେ ସନନ୍ଦ ବା ଘୋଷଣାପତ୍ରରେ ମନୁଷ୍ୟର ମୌଳିକ ଅଧିକାର ପ୍ରତି, ମନୁଷ୍ୟର ମର୍ଯ୍ୟାଦା ଓ ଯୋଗ୍ୟତା ପ୍ରତି ଏବଂ ନରନାରୀଙ୍କର ସମାନ ଅଧିକାର ପ୍ରତି ସେମାନଙ୍କର ବିଶ୍ୱାସ ରହିଅଛି ବୋଲି ଦୃଢ଼ ସ୍ୱରରେ ସମର୍ଥନ କରିଅଛନ୍ତି ଏବଂ ବୃହତ୍ତର ସ୍ୱାଧୀନତାରେ ସାମାଜିକ ପ୍ରଗତି ଓ ଉନ୍ନତତର ଜୀବନଧାରଣ ପ୍ରଣାଳୀର ଉନ୍ନତି ନିମନ୍ତେ ପ୍ରତିଜ୍ଞାବଦ୍ଧ ହୋଇଅଛନ୍ତି;

**ଯେହେତୁ** ଉକ୍ତ ଅନୁଷ୍ଠାନର ସଭ୍ୟ ରହିଥିବା ଦେଶର ମିଳିତ ଜାତି ଅନୁଷ୍ଠାନର ସହଯୋଗରେ ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତା ସମସ୍ତେ ବିଶ୍ୱଜନୀନ ସମ୍ମାନ ବୃଦ୍ଧି ପାଇଁ ଏବଂ ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତା ପାଳନ ପାଇଁ ଶପଥ ଗ୍ରହଣ କରିଅଛନ୍ତି;

**ଯେହେତୁ** ଏହି ଶପଥକୁ ପୂର୍ଣ୍ଣରୂପେ କାର୍ଯ୍ୟରେ ପରିଣତ କରିବା ପକ୍ଷରେ ସମସ୍ତଙ୍କ ପକ୍ଷରେ ଏହିସବୁ ଅଧିକାର ଓ ସ୍ୱାଧୀନତାର ଅବବୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ;

**ତେଣୁ ବର୍ତ୍ତମାନ ସାଧାରଣ ପରିଷଦ (ଦି ଜେନେରାଲ୍ ଅସେମ୍ବ୍ଲି) ନିମ୍ନଲିଖିତ ଘୋଷଣା କରୁଅଛନ୍ତି :—**

ସମସ୍ତ ଲୋକ ଓ ସମସ୍ତ ଜାତିଙ୍କ ପାଇଁ ଗୋଟିଏ ସାଧାରଣ ଆଦର୍ଶର ସ୍ତରକୁ ହାସଲ ସ୍ୱରୂପ ଏହି ମାନବିକ ଅଧିକାର ସମ୍ପର୍କୀୟ ବିଶ୍ୱଜନୀନ ଘୋଷଣା କରୁଯାଉଅଛି । ଏ ଘୋଷଣାର ଲକ୍ଷ୍ୟ ଏହି ଯେ ସମାଜର ପ୍ରତ୍ୟେକ ବ୍ୟକ୍ତିବିଶେଷ ଓ ପ୍ରତ୍ୟେକ ମାଧ୍ୟମ ସର୍ବଦା ଏ ଘୋଷଣାକୁ ମନେରଖି ଏହିସବୁ ଅଧିକାର ଓ ସ୍ୱାଧୀନତା ପ୍ରତି ପ୍ରଚାର ଓ ଶିକ୍ଷାଦ୍ୱାରା ସମ୍ମାନ ବଢ଼ାଇବା ପାଇଁ ଚେଷ୍ଟା କରିବେ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରଗତିଶୀଳ ବ୍ୟବସ୍ଥା ଦ୍ୱାରା ସଭ୍ୟ ମିଳିତ ଜାତି ଅନୁଷ୍ଠାନ ଅନ୍ତର୍ଭୁକ୍ତ ରାଷ୍ଟ୍ରର ଲୋକ ଓ ସେମାନଙ୍କର ଉକ୍ତ ଅଧୀନସ୍ଥ ଦେଶର ଲୋକ ସମସ୍ତେ ଯେପରି ଫଳଦାୟକ ଭାବରେ ଏସବୁକୁ ମାନନ୍ତି ଓ ପାଳନ କରନ୍ତି, ତହିଁର ବ୍ୟବସ୍ଥା କରିବେ ।

ଅନୁଚ୍ଛେଦ ୧— ସବୁ ମନୁଷ୍ୟ ଜନ୍ମକାଳରୁ ସ୍ୱାଧୀନ । ସେମାନଙ୍କର ମର୍ଯ୍ୟାଦା ଓ ଅଧିକାର ସମାନ । ସେମାନଙ୍କଠାରେ ପ୍ରଜ୍ଞା ଓ ବିବେକ ନିହିତ ଅଛି । ସେମାନେ ପରସ୍ପର ପ୍ରତି ଭ୍ରାତୃଭାବ ପୋଷଣ କରି କାର୍ଯ୍ୟ କରିବା ଦରକାର ।

ଅନୁଚ୍ଛେଦ ୨— (୧) ଏତଦ୍‌ବର୍ଣ୍ଣିତ କୌଣସି ପ୍ରକାର ଭେଦଭାବ ନ ପାଇ ପ୍ରତ୍ୟେକ ବ୍ୟକ୍ତି ଏହି ଘୋଷଣାରେ ଲିପିବଦ୍ଧ ହୋଇଥିବା ସମସ୍ତ ଅଧିକାର ଓ ସ୍ୱାଧୀନତା ଭୋଗ କରିବାକୁ ହକଦାର; ଯଥା— ଜାତି, ବର୍ଣ୍ଣ, ସ୍ତ୍ରୀ, ପୁରୁଷ, ଭାଷା, ଧର୍ମ, ରାଜନୈତିକ ବା ଅନ୍ୟ ମତ, ଜାତୀୟ ବା ସାମାଜିକ ଉତ୍ପତ୍ତିସ୍ଥଳ, ସମ୍ପତ୍ତି, ଜନ୍ମଗତ ବା ଅନ୍ୟ ସ୍ଥିତି ଏସବୁ ଭେଦ ସ୍ୱୀକାର କରାଯିବ ନାହିଁ ।

(୨) ଅଧିକନ୍ତୁ ବ୍ୟକ୍ତି ଯେଉଁ ଦେଶ ବା ରାଜ୍ୟର ଅଧିବାସୀ, ସେ ଦେଶ ବା ରାଜ୍ୟ ସ୍ୱାଧୀନ ହୋଇଥାଉ, ଟ୍ରଷ୍ଟ ହୋଇଥାଉ, ସ୍ୱାୟତ୍ତଶାସନ ପାଇ ନ ଥିବା ଦେଶ ହୋଇଥାଉ ବା ଅନ୍ୟ ଯେ କୌଣସି ସାର୍ବଭୌମତ୍ୱର ଅଧୀନ ହୋଇଥାଉ ପଛକେ ସେ ଦେଶ ବା ରାଜ୍ୟର ରାଜନୈତିକ, ଆଇନଗତ ବା ଅନ୍ତର୍ଜାତିକ ସ୍ଥିତିକୁ ଭିତ୍ତି କରି କୌଣସି ଭେଦାଭେଦ [illegible] କରାଯିବ ନାହିଁ ।

ଅନୁଚ୍ଛେଦ ୩— ପ୍ରତ୍ୟେକ ବ୍ୟକ୍ତିର ଜୀବନର ମୁକ୍ତି ଓ ବ୍ୟକ୍ତିଗତ ନିରାପତ୍ତା ଉପରେ ଅଧିକାର ଅଛି ।

ଅନୁଚ୍ଛେଦ ୪— କୌଣସି ବ୍ୟକ୍ତିକୁ ଦାସ ରୂପେ ବା ଦାସତ୍ୱ ବନ୍ଧନରେ ରଖାଯିବ ନାହିଁ; ସମସ୍ତ ପ୍ରକାର ଦାସତ୍ୱ ଓ ଦାସବ୍ୟବସାୟ ନିଷିଦ୍ଧ ହେବ ।

ଅନୁଚ୍ଛେଦ ୫— କୌଣସି ଲୋକକୁ ଯନ୍ତ୍ରଣା ଦିଆଯିବ ନାହିଁ, କି ନିର୍ଦ୍ଦୟ ଅମାନୁଷିକ ବା ସମ୍ମାନ ହାନିକର ବ୍ୟବହାର ବା ଦଣ୍ଡରେ ଦଣ୍ଡୀ କରାଯିବ ନାହିଁ ।

ଅନୁଚ୍ଛେଦ ୬— ଆଇନ ଆଗରେ ବ୍ୟକ୍ତି ହିସାବରେ ସବୁଠାରେ ଗଣ୍ୟ ବା ସ୍ୱୀକୃତ ହେବାର ଅଧିକାର ପ୍ରତ୍ୟେକଙ୍କର ଅଛି ।

ଅନୁଚ୍ଛେଦ ୭— ଆଇନ ଆଗରେ ସମସ୍ତେ ସମାନ ଏବଂ ପକ୍ଷପାତ ନିର୍ବିଶେଷରେ ଆଇନବଳରେ ସମାନ ଭାବରେ ରକ୍ଷା ପାଇବାକୁ ହକଦାର । ଏ ଘୋଷଣାକୁ ଅନ୍ୟଥା କରାଯାଇ ଯଦି କୌଣସି ପକ୍ଷପାତମୂଳକ ବ୍ୟବସ୍ଥା କରାଯାଏ ଏବଂ ଉକ୍ତ ପକ୍ଷପାତମୂଳକ ବ୍ୟବସ୍ଥା କରିବା ପାଇଁ ଯଦି

କୌଣସି ପ୍ରକାର ଉତ୍ତେଜନା ଦିଆଯାଏ, ତାହାହେଲେ ସେହି ପାର୍ଥକ୍ୟମୂଳକ ବ୍ୟବହାର ବିରୁଦ୍ଧରେ ଓ ଉତ୍ତେଜନା ବିରୁଦ୍ଧରେ ସମାନ ଭାବରେ ରକ୍ଷା ପାଇବାକୁ ସମସ୍ତେ ହକଦାର ।

ଅନୁଚ୍ଛେଦ ୮ — ସଂବିଧାନ ବା ଆଇନ ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ଯେଉଁ ମୌଳିକ ଅଧିକାର ଲାଭ କରିଥାନ୍ତି, ତାହାର ବିରୋଧାତ୍ମକ କାର୍ଯ୍ୟ ବିରୁଦ୍ଧରେ କ୍ଷମତାବିଶିଷ୍ଟ ଜାତୀୟ ଟ୍ରିବ୍ୟୁନାଲ (ବା ବିଚାରାଳୟ)ଠାରୁ ଫଳଦାୟକ ପ୍ରତିକାର ଲାଭ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କର ଅଧିକାର ଅଛି ।

ଅନୁଚ୍ଛେଦ ୯ — କୌଣସି ବ୍ୟକ୍ତିଙ୍କୁ ସ୍ୱେଚ୍ଛା-ପ୍ରସୂ ଭାବରେ ଗିରଫ କରାଯିବ ନାହିଁ, ଅଟକ କରାଯିବ ନାହିଁ ବା ନିର୍ବାସିତ କରାଯିବ ନାହିଁ ।

ଅନୁଚ୍ଛେଦ ୧୦ — ପ୍ରତ୍ୟେକ ବ୍ୟକ୍ତିର ଅଧିକାର ଓ କର୍ତ୍ତବ୍ୟ ନିର୍ଦ୍ଧାରଣରେ ଏବଂ ତାହାର ବିରୁଦ୍ଧରେ ହୋଇଥିବା କୌଣସି ଅପରାଧମୂଳକ ଅଭିଯୋଗ ବିଚାରରେ ସ୍ୱାଧୀନ ଓ ନିରପେକ୍ଷ ଟ୍ରିବ୍ୟୁନାଲ ତାଙ୍କ କଥାକୁ ଯେ ପ୍ରକାଶ୍ୟ ଶୁଣାଣି ଦେବେ, ଏ ବିଷୟରେ ତାଙ୍କର ହକ ଅଛି ।

ଅନୁଚ୍ଛେଦ ୧୧ — (୧) ଶାସ୍ତିମୂଳକ ଅପରାଧରେ ଅଭିଯୁକ୍ତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିର ଯେଉଁ ସାଧାରଣ ବିଚାରାଳୟରେ ନିଜ ପକ୍ଷ ସମର୍ଥନ ଲାଗି ସମସ୍ତ ପ୍ରୟୋଜନୀୟ ନିଶ୍ଚିତତା ଥିବ, ସେହି ବିଚାରାଳୟରେ ଆଇନ ଅନୁସାରେ ଦୋଷୀ ବୋଲି ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରାଯିବାର ଅଧିକାର ତାଙ୍କର ମଧ୍ୟ ଅଛି ।

(୨) କୌଣସି କାର୍ଯ୍ୟ ବା ତ୍ରୁଟି ଘଟିଥିବା ସମୟରେ ସେହି କାର୍ଯ୍ୟ ବା ତ୍ରୁଟି ଯଦି ଶାସ୍ତିମୂଳକ ଅପରାଧ ନ ହୋଇଥାଏ, ତାହାହେଲେ ଜାତୀୟ ବା ଆନ୍ତର୍ଜାତୀୟ ଆଇନ ଅନୁସାରେ କୌଣସି ବ୍ୟକ୍ତିକୁ ସେହି କାର୍ଯ୍ୟ ବା ତ୍ରୁଟି ଯୋଗୁଁ ଶାସ୍ତିମୂଳକ ଅପରାଧରେ ଅପରାଧୀ ବୋଲି ଧରାଯିବ ନାହିଁ। ଶାସ୍ତିମୂଳକ ଅପରାଧ କରାଯାଇଥିବା ବେଳେ ଯେଉଁ ଦଣ୍ଡ ପ୍ରଯୁଜ୍ୟ ଥିଲା, ତାହାଠାରୁ ଗୁରୁତର ଦଣ୍ଡ ମଧ୍ୟ ଦିଆଯିବ ନାହିଁ।

ଅନୁଚ୍ଛେଦ ୧୨— କୌଣସି ବ୍ୟକ୍ତିର ଗୋପନୀୟତା (ବା ଏକାନ୍ତ ସ୍ଥାନ), ପରିବାର, ଗୃହ ବା ଚିଠିପତ୍ର ଆଦାନ ପ୍ରଦାନ ଉପରେ ସ୍ୱେଚ୍ଛାପୂର୍ଣ୍ଣ ଭାବେ ହସ୍ତକ୍ଷେପ କରାଯିବ ନାହିଁ କିମ୍ବା ତାହାର ସମ୍ମାନମର୍ଯ୍ୟାଦା ବା ସୁନାମ ଉପରେ ଆକ୍ରମଣ କରାଯିବ ନାହିଁ। ଏପରି ହସ୍ତକ୍ଷେପ ବା ଆକ୍ରମଣ ବିରୁଦ୍ଧରେ ଆଇନର ଆଶ୍ରୟ ପାଇବା ପାଇଁ ପ୍ରତ୍ୟେକଙ୍କର ଅଧିକାର ଅଛି।

ଅନୁଚ୍ଛେଦ ୧୩— (୧) ପ୍ରତ୍ୟେକ ରାଜ୍ୟର ସୀମା ମଧ୍ୟରେ ଭ୍ରମଣ ଓ ବାସ କରିବାର ସ୍ୱାଧୀନତା ଭୋଗ କରିବାର ଅଧିକାର ପ୍ରତ୍ୟେକଙ୍କର ଅଛି।

(୨) ନିଜ ଦେଶ ସମେତ ଯେ କୌଣସି ଦେଶ ଛାଡ଼ିବାକୁ ଏବଂ ନିଜ ଦେଶକୁ ଫେରି ଆସିବାକୁ ପ୍ରତ୍ୟେକଙ୍କର ଅଧିକାର ଅଛି।

ଅନୁଚ୍ଛେଦ ୧୪— (୧) ଅତ୍ୟାଚାର ଯୋଗୁଁ ଅନ୍ୟ ଦେଶମାନଙ୍କରେ ଆଶ୍ରୟ ଖୋଜିବା ଓ ଆଶ୍ରୟ ଭୋଗ କରିବାର ଅଧିକାର ପ୍ରତ୍ୟେକଙ୍କର ଅଛି।

(୨) ଅରାଜନୈତିକ ଅପରାଧ ଯୋଗୁଁ ଯେଉଁ ମକଦ୍ଦମା ପ୍ରକୃତରେ ଦାଏର ହୋଇଥିବ କିମ୍ବା ମିଳିତ ଜାତିର ଉଦ୍ଦେଶ୍ୟ ଓ ସଦାଚାରବିରୁଦ୍ଧ କାର୍ଯ୍ୟ ଯୋଗୁ ଯେଉଁ ମକଦ୍ଦମା ହୋଇଥିବ, ସେହି ମକଦ୍ଦମା ବେଳେ ଏ ଅଧିକାର ଦାବି କରାଯାଇପାରିବ ନାହିଁ।

ଅନୁଚ୍ଛେଦ ୧୫— (୧) ପ୍ରତ୍ୟେକଙ୍କର କୌଣସି ଏକ ଜାତୀୟତା ଲାଭ କରିବା ଅଧିକାର ଅଛି।

(୨) କୌଣସି ବ୍ୟକ୍ତି ତାର ଜାତୀୟତାରୁ ସ୍ୱେଚ୍ଛାପୂର୍ଣ୍ଣ ଭାବେ ବଞ୍ଚିତ ହେବ ନାହିଁ କିମ୍ବା ଜାତୀୟତା ପରିବର୍ତ୍ତନ କରିବା ସକାଶେ ତାର ଯେଉଁ ଅଧିକାର ଅଛି, ସେ ଅଧିକାର ତାକୁ ଛାଡ଼ି କରାଯିବ ନାହିଁ।

ଅନୁଚ୍ଛେଦ ୧୬— (୧) ଜାତି, ଜାତୀୟତା ବା ଧର୍ମ ଭେଦ କୌଣସି ବନ୍ଧନ ନ ଥାଇ ବୟଃପ୍ରାପ୍ତ ନରନାରୀଙ୍କର ବିବାହ କରିବାର ଓ ପରିବାର ଗଠନ କରିବାର ଅଧିକାର ଅଛି। ବିବାହ କରିବାକୁ, ବିବାହ କାଳରେ ଏବଂ ବିବାହ ଉଚ୍ଛେଦ ସମୟରେ ସେମାନେ ସମାନ ଅଧିକାରରେ ହକଦାର।

(୨) ବିବାହ କରିବାକୁ ଇଚ୍ଛୁକ ଥିବା ବର ଓ କନ୍ୟା ଉଭୟଙ୍କର ଅବାଧ ଓ ପୂର୍ଣ୍ଣ ସମ୍ମତିରେ କେବଳ ବିବାହ କରାଯିବ।

(୩) ପରିବାର ସମାଜର ପ୍ରାକୃତିକ ଓ ମୌଳିକ ସମଷ୍ଟିଗତ ସଂସ୍ଥା ଅଟେ ଏବଂ ସମାଜ ଓ ରାଷ୍ଟ୍ରଦ୍ୱାରା ରକ୍ଷିତ ହେବାର ହକ୍ ପରିବାରର ଅଛି।

ଅନୁଚ୍ଛେଦ ୧୭— (୧) ଏକୁଟିଆ ଏବଂ ଅନ୍ୟମାନଙ୍କ ସହିତ ସମ୍ପତ୍ତିର ମାଲିକ ହେବାର ଅଧିକାର ପ୍ରତ୍ୟେକଙ୍କର ଅଛି।

(୨) କାହାରିକୁ ସ୍ୱେଚ୍ଛାପୂର୍ଣ୍ଣ ଭାବରେ ସମ୍ପତ୍ତିରୁ ବଞ୍ଚିତ କରାଯିବ ନାହିଁ।

ଅନୁଚ୍ଛେଦ ୧୮ — ପ୍ରତ୍ୟେକଙ୍କର ଚିନ୍ତା, ବିବେକ ଓ ଧର୍ମସମ୍ପର୍କୀୟ ସ୍ୱାଧୀନତାରେ ଅଧିକାର ରହିଅଛି; ଧର୍ମ ବା ବିଶ୍ୱାସ ପରିବର୍ତ୍ତନ କରିବାର ସ୍ୱାଧୀନତା, ଏକୁଟିଆ ବା ଅନ୍ୟମାନଙ୍କ ସମଭିବ୍ୟା-ହାରରେ ପ୍ରକାଶ୍ୟରେ ବା ଗୋପନୀୟ ଭାବରେ ଶିକ୍ଷା, ଆଚରଣ, ପୂଜା ବା ପାଳନରେ ନିଜର ଧର୍ମ ବା ବିଶ୍ୱାସକୁ ପ୍ରକଟିତ କରିବାର ସ୍ୱାଧୀନତା ଏହି ଅଧିକାରର ଅନ୍ତର୍ଗତ ।

ଅନୁଚ୍ଛେଦ ୧୯ — ମତପ୍ରକାଶ ଓ ଅଭିବ୍ୟକ୍ତି ସମ୍ପର୍କରେ ପ୍ରତ୍ୟେକଙ୍କର ଅଧିକାର ଅଛି; ବିନା ବାଧାରେ ମତ ଦେବାର ସ୍ୱାଧୀନତା, ଯେ କୌଣସି ମାଧ୍ୟମରେ ଏବଂ ଦେଶର ସୀମାରେଖାନ ଭିନ୍ନ ସମ୍ବାଦ ଓ ଚିନ୍ତାଧାର ଅନ୍ୱେଷଣ ଓ ଆଦାନ ପ୍ରଦାନ କରିବାର ସ୍ୱାଧୀନତା ଏ ଅଧିକାରର ଅନ୍ତର୍ଗତ ।

ଅନୁଚ୍ଛେଦ ୨୦ — (୧) ଶାନ୍ତିପୂର୍ଣ୍ଣ ଭାବରେ ସମବେତ ହେବାର ଓ ସଂଘ ଗଢ଼ିବାର ସ୍ୱାଧୀନତା ସମ୍ପର୍କରେ ପ୍ରତ୍ୟେକଙ୍କର ଅଧିକାର ଅଛି ।

(୨) କୌଣସି ସଂଘର ସଭ୍ୟ ହେବାକୁ କାହାରିକୁ ବାଧ୍ୟ କରାଯିବ ନାହିଁ ।

ଅନୁଚ୍ଛେଦ ୨୧ — (୧) ନିଜ ଦେଶର ସରକାରରେ ପ୍ରତ୍ୟକ୍ଷ ଭାବରେ ବା ସ୍ୱାଧୀନ ଭାବରେ ନିର୍ବାଚିତ ହୋଇଥିବା ଲୋକପ୍ରତିନିଧିମାନଙ୍କ ଜରିଆରେ ଯୋଗ ଦେବା ପାଇଁ ପ୍ରତ୍ୟେକଙ୍କର ଅଧିକାର ଅଛି ।

(୨) ନିଜ ଦେଶରେ ସରକାରୀ ବୃତ୍ତିରେ ପ୍ରବେଶ କରିବାର ସମାନ ଅଧିକାର ସମସ୍ତଙ୍କର ଅଛି ।

(୩) ଜନସାଧାରଣଙ୍କ ଇଚ୍ଛା ସରକାରୀ କ୍ଷମତାର ମୂଳଭିତ୍ତି ହେବ । ସାମୟିକ ଶୁଦ୍ଧ ନିର୍ବାଚନରେ ଏହି

ଇଚ୍ଛାର ଅଭିବ୍ୟକ୍ତି ହେବ । ସାର୍ବଜନୀନ ଓ ସମାନ ଭୋଟପ୍ରଥା ଅନୁସାରେ ସୁସ୍ଥ ନିର୍ବାଚନ କିମ୍ବା ତଦନୁରୂପ ଅବାଧ ଭୋଟଦାନ-ପଦ୍ଧତି ଦ୍ୱାରା ନିର୍ବାଚନ ହେବ ।

ଅନୁଚ୍ଛେଦ ୨୨— ସମାଜର ବ୍ୟକ୍ତି ହିସାବରେ ପ୍ରତ୍ୟେକଙ୍କର ସାମାଜିକ ନିରାପତ୍ତା ସମ୍ପର୍କୀୟ ଅଧିକାର ଅଛି ଏବଂ ଜାତୀୟ ଉଦ୍ୟମ ଓ ଆନ୍ତର୍ଜାତୀୟ ସହଯୋଗ ଜରିଆରେ ଏବଂ ପ୍ରତି ରାଷ୍ଟ୍ରର ସଂଗଠନ ଓ ସମ୍ବଳ ଅନୁସାରେ ତାହାର ମର୍ଯ୍ୟାଦା ଓ ତାହାର ବ୍ୟକ୍ତିତ୍ୱର ସ୍ୱାଧୀନ ବିକାଶ ନିମନ୍ତେ ଅତ୍ୟାବଶ୍ୟକ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ଉପଲବ୍ଧି କରିବାର ହକ୍ ଅଛି ।

ଅନୁଚ୍ଛେଦ ୨୩— (୧) ପ୍ରତ୍ୟେକ ଲୋକର କାର୍ଯ୍ୟ କରିବାର ସ୍ୱାଧୀନ ଇଚ୍ଛାରେ ନିଯୁକ୍ତ ହେବାର, କାର୍ଯ୍ୟ କ୍ଷେତ୍ରରେ ନ୍ୟାଯ୍ୟ ଓ ଅନୁକୂଳ ପରିସ୍ଥିତି ଲାଭ କରିବାର ଏବଂ ବେକାରି ଅବସ୍ଥାରୁ ରକ୍ଷା ପାଇବାର ଅଧିକାର ଅଛି ।

(୨) ପ୍ରତ୍ୟେକର ସମାନ କାର୍ଯ୍ୟ ପାଇଁ ସମାନ ବେତନ ପାଇବାର ଅଧିକାର ଅଛି । ଏଥିରେ ଭେଦ-ଅନ୍ତର ରଖାଯାଇ ନ ପାରେ ।

(୩) ପ୍ରତ୍ୟେକ ଲୋକର (ଯେ କି କାର୍ଯ୍ୟ କରେ) ମାନବିକ ମର୍ଯ୍ୟାଦା ଦୃଷ୍ଟିରୁ ନିଜ ପାଇଁ ଓ ନିଜ ପରିବାର ପାଇଁ ବଞ୍ଚି ରହିବା ଭଳି ନ୍ୟାଯ୍ୟ ଓ ଅନୁକୂଳ ବେତନ ପାଇବାର ଅଧିକାର ଅଛି ଏବଂ ଆବଶ୍ୟକ ପକ୍ଷେ ତା ସହିତ ଅନ୍ୟାନ୍ୟ ସାମାଜିକ ରକ୍ଷାମୂଳକ ଉପାୟ ସୁଯୋଗ ଲାଭ ପାଇଁ ମଧ୍ୟ ସେ ହକଦାର ।

(୪) ନିଜର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ପ୍ରତ୍ୟେକଙ୍କର ଟ୍ରେଡ୍ ୟୁନିୟନ ଗଠନ କରିବାର ଓ ତହିଁରେ ଯୋଗଦେବାର ଅଧିକାର ଅଛି ।

ଅନୁଚ୍ଛେଦ ୨୪— ନ୍ୟାଯ୍ୟ ଭାବରେ ସୀମିତ ଘଣ୍ଟା କାମ କରିବାର କିମ୍ବା ସୀମିତ ଘଣ୍ଟା କାମ କରିବାର, ବେତନ ପାଇ ସାମୟିକ ଛୁଟି ଉପଭୋଗ କରିବାର ଅଧିକାର ସମେତ ବିଶ୍ରାମ ଓ ଅବକାଶ ଉପଭୋଗ କରିବାର ଅଧିକାର ପ୍ରତ୍ୟେକଙ୍କର ଅଛି ।

ଅନୁଚ୍ଛେଦ ୨୫— (୧) ନିଜର ଓ ନିଜ ପରିବାରର ସ୍ୱାସ୍ଥ୍ୟ ଓ ହିତ ନିମନ୍ତେ ଉପଯୁକ୍ତ ହେଲା ଭଳି ଜୀବନଯାପନ କରିବାର ସୁବିଧା ଲାଭ କରିବାର ଅଧିକାର ପ୍ରତ୍ୟେକଙ୍କର ଅଛି । ଖାଦ୍ୟ, ପରିଧେୟ, ବାସଗୃହ, ଚିକିତ୍ସା ଓ ପ୍ରୟୋଜନୀୟ ସାମାଜିକ ସେବା, ବେକାର ହେବା ସମୟରେ ନିରାପତ୍ତା ଲାଭ କରିବାର ଅଧିକାର, ନିଜ କର୍ତ୍ତୃତ୍ୱ ବାହାରର ସ୍ଥିତି ଯଥା— ରୋଗ, ଅପାରଗତା, ବୈଧବ୍ୟ, ବାର୍ଦ୍ଧକ୍ୟ ଓ ଜୀବନଧାରଣର ଅନ୍ୟାନ୍ୟ ଅଭାବ ଅସୁବିଧା ହେଉଥିଲେ ମଧ୍ୟ ଜୀବନଯାପନ କରିବାର ସୁବିଧା ଲାଭ କରିବା ପାଇଁ ଅଧିକାର ପ୍ରତ୍ୟେକଙ୍କର ଅଛି ।

(୨) ମାତୃତ୍ୱ ଓ ଶୈଶବକାଳରେ ବିଶେଷ ଯତ୍ନ ଓ ସାହାଯ୍ୟ ପାଇବାକୁ ପ୍ରତ୍ୟେକ ବ୍ୟକ୍ତିର ହକ୍ ଅଛି । ବିବାହ ଯୋଗୁଁ ବା ଅବୈଧ ଭାବେ ଜନ୍ମ ହୋଇଥିବା ପ୍ରତ୍ୟେକ ଶିଶୁ ଏକା ପ୍ରକାର ସାମାଜିକ ରକ୍ଷଣାବେକ୍ଷଣମୂଳକ ସୁବିଧା ଭୋଗ କରିବେ ।

ଅନୁଚ୍ଛେଦ ୨୬— (୧) ଶିକ୍ଷାଲାଭର ଦାବୀର ଅଧିକାର ପ୍ରତ୍ୟେକଙ୍କର ଅଛି । ପ୍ରାଥମିକ ଓ ମୌଳିକ ଶିକ୍ଷା ଅବୈତନିକ ହେବ । ପ୍ରାଥମିକ ଶିକ୍ଷା ବାଧ୍ୟତା-

ମୁକ୍ତ ହେବ; ବୈଷୟିକ ଓ ଔଦ୍ୟୋଗିକ ଶିକ୍ଷା ସମସ୍ତଙ୍କୁ ସାଧାରଣଭାବରେ ଲଭ୍ୟହେବ; କିନ୍ତୁ ଉଚ୍ଚତର ଶିକ୍ଷା ଯୋଗ୍ୟତା ଭିତ୍ତିରେ ସମସ୍ତଙ୍କୁ ସମାନ ଭାବରେ ଲଭ୍ୟହେବ।

(୨) ମାନବର ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ଦିଗରେ ଏବଂ ମାନବିକ ଅଧିକାର ପ୍ରତି ଓ ମାନବର ମୌଳିକ ସ୍ୱାଧୀନତା ପ୍ରତି ସମ୍ମାନ ବଢ଼ାଇବା ପ୍ରତି ଦୃଷ୍ଟି ଦିଆଯାଇ ଶିକ୍ଷା ନିୟନ୍ତ୍ରିତ ହେବ। ଏହା ସମସ୍ତ ଜାତି ଭିତରେ ଜାତୀୟ ବା ଧର୍ମ ସମ୍ପ୍ରଦାୟ ଭିତରେ ବୁଝାମଣା, ସହନଶୀଳତା ଓ ବନ୍ଧୁତାର ବିକାଶ କରିବ ଏବଂ ଶାନ୍ତିରକ୍ଷା ଉଦ୍ଦେଶ୍ୟରେ ମିଳିତ ଜାତିଙ୍କର କାର୍ଯ୍ୟକଳାପକୁ ଆଗେଇ ନେବ।

(୩) ପିଲାମାନଙ୍କୁ କି ପ୍ରକାର ଶିକ୍ଷା ଦିଆଯିବ, ସେକଥା ଆଗ ବିଚାର କରିବାର ଅଧିକାର ବାପମାଙ୍କର ରହିବ।

ଅନୁଚ୍ଛେଦ ୨୭— (୧) ସମାଜର ସାଂସ୍କୃତିକ ଜୀବନରେ ଅବାଧରେ ଯୋଗଦେବାର, କଳା-ଉପଭୋଗ କରିବାର ଓ ବୈଜ୍ଞାନିକ ଉନ୍ନତିରେ ଭାଗ ଗ୍ରହଣ କରିବାର ଓ ଏହାର ଉପକାର ଉପଭୋଗ କରିବାର ଅଧିକାର ପ୍ରତ୍ୟେକଙ୍କର ଅଛି।

(୨) କୌଣସି ବୈଜ୍ଞାନିକ, ସାହିତ୍ୟିକ ବା କଳା-ମୂଳକ ରଚନାର ଯେଉଁ ବ୍ୟକ୍ତି କର୍ତ୍ତାସ୍ରଷ୍ଟା, ସେ ସେହି ରଚନାରୁ ଉଦ୍ଭୂତ ତାଙ୍କର ନୈତିକ ଓ ବୈଷୟିକ ସ୍ୱାର୍ଥର ସଂରକ୍ଷଣ ସମ୍ପର୍କୀୟ ଅଧିକାରରେ ସେ ଅଧିକାରୀ ହେବେ।

ଅନୁଚ୍ଛେଦ ୨୮— ଯେଉଁ ସାମାଜିକ ଓ ଅନ୍ତର୍ଜାତିକ ସଂସ୍ଥା ମଧ୍ୟରେ ଏହି ଘୋଷଣାରେ ଉଲ୍ଲିଖିତ ହୋଇଥିବା ଅଧିକାର ଓ ସ୍ୱାଧୀନତାମାନ ପୂର୍ଣ୍ଣରୂପେ ହାସଲ କରାଯାଇ ପାରିବ, ସେହି ସାମାଜିକ ଓ ଅନ୍ତର୍ଜାତିକ ସଂସ୍ଥାରେ ଅବସ୍ଥିତ ହେବାକୁ ପ୍ରତ୍ୟେକଙ୍କର ହକ ଅଛି।

ଅନୁଚ୍ଛେଦ ୨୯—(୧) କେବଳ ସମାଜରେ ପ୍ରତ୍ୟେକଙ୍କର ବ୍ୟକ୍ତିତ୍ୱର ଅବାଧ ଓ ପୂର୍ଣ୍ଣ ବିକାଶ ସମ୍ଭବପର; ତେଣୁ ସମାଜ ପ୍ରତି ପ୍ରତ୍ୟେକଙ୍କର କର୍ତ୍ତବ୍ୟ ରହିଅଛି।

(୨) ପ୍ରତ୍ୟେକ ବ୍ୟକ୍ତିଙ୍କର ଅଧିକାର ଓ ସ୍ୱାଧୀନତା କାର୍ଯ୍ୟକାରୀ କରିବାରେ ପ୍ରତ୍ୟେକ ବ୍ୟକ୍ତି କେବଳ ସେହିପରି କଟକଣାର ଅନୁବର୍ତ୍ତୀ ହେବେ, ଯେଉଁସବୁ କଟକଣା କେବଳ ଅନ୍ୟମାନଙ୍କର ଅଧିକାର ଓ ସ୍ୱାଧୀନତାକୁ ଉପଯୁକ୍ତ ଭାବେ ସ୍ୱୀକାର କରିବା ଓ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଏବଂ ଗଣତାନ୍ତ୍ରିକ ସମାଜରେ ନୈତିକତା, ସାଧାରଣ ଶୃଙ୍ଖଳା ଓ ସାଧାରଣ ମଙ୍ଗଳବିଧାନର ପ୍ରକୃତ ଦାବି ମେଣ୍ଟାଇବା ଉଦ୍ଦେଶ୍ୟରେ ଆଇନଦ୍ୱାରା ନିର୍ଦ୍ଧାରିତ ହେବ।

(୩) ମିଳିତ ଜାତିର ଅନୁଷ୍ଠାନ ଉଦ୍ଦେଶ୍ୟ ଓ ଧର୍ମ ବିରୁଦ୍ଧରେ କୌଣସିମତେ ଏହିସବୁ ଅଧିକାର ଓ ସ୍ୱାଧୀନତା କାର୍ଯ୍ୟକାରୀ ହୋଇପାରିବ ନାହିଁ।

ଅନୁଚ୍ଛେଦ ୩୦— କୌଣସି ରାଷ୍ଟ୍ର, ଦଳ ବା ବ୍ୟକ୍ତିର ଏହି ଘୋଷଣାରେ ଉଲ୍ଲିଖିତ ହୋଇଥିବା ଅଧିକାର ଓ ସ୍ୱାଧୀନତା ଭିତରୁ କୌଣସି ଅଧିକାର ଓ ସ୍ୱାଧୀନତାକୁ ଧ୍ୱଂସ କରିବା ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟରେ ଲିପ୍ତ ହେବାର ବା କୌଣସି କାର୍ଯ୍ୟ କରିବାର କୌଣସି ଅଧିକାର ଅଛି ବୋଲି ଏ ଘୋଷଣାରେ ଥିବା କୌଣସି ବିଷୟକୁ ଅର୍ଥ କରାଯିବ ନାହିଁ।